## ଲେଇସା ଇଣ୍ଡିଆ - ପାଠକ ସର୍ବେକ୍ଷଣ ଫଳାଫଳ -୨୦୧୩

### ଓଡ଼ିଆ ସଂକଳନ

ଲେଇସା ଇଣ୍ଡିଆ ଗୋଟିଏ ତ୍ରୈମାସିକ ପତ୍ରିକା ଯାହା ସ୍ୱଳ୍ପ ବାହ୍ୟ ସହାୟତା ଭିତ୍ତିକ ଚିରନ୍ତନ କୃଷି ପ୍ରକ୍ରିୟାରେ ପରିବେଶ ଅନୁକୂଳ କୃଷି କରିବାକୁ ଉତ୍ସାହିତ କରିଥାଏ । ବିଶ୍ୱସ୍ତରୀୟ ଲେଇସା ପତ୍ରିକାର ଏକ ବିଶେଷ ସଂକଳନରୁ ଆରମ୍ଭ ହୋଇ ଲେଇସା ଇଣ୍ଡିଆ ୧୯୯୯ ମସିହାରୁ ଏକ ସାଧୀନ ଭାରତୀୟ ସଂକଳନ ହିସାବରେ ପ୍ରକାଶ ପାଉଛି । ଏହି ଲେଇସା ଇଣ୍ଡିଆ ପତ୍ରିକା, ଯାହା ଇଂରାଜୀଭାଷାରେ ପ୍ରଥମେ ଭାରତରେ ପ୍ରକାଶିତ ହୋଇ ୮୦୦ ପାଠକଙ୍କ ଠାରୁ ଆରମ୍ଭ ହୋଇଥିଲା ବର୍ତ୍ତମାନ ୭୦୦୦ ପାଠକଙ୍କ ନିକଟରେ ପହଞ୍ଚି ପାରିଛି । ଏହି ପାଠକମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଗବେଷକ, ଶିକ୍ଷକ, ଚାଷୀ, ବେସରକାରୀ ସଂସ୍ଥା, ଛାତ୍ରଛାତ୍ରୀ, ସରକାରୀ ବିଭାଗ, ବ୍ୟାଙ୍କ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମକୁ ଇଲିଆ ଓ ମିଜେରିୟର ସହାୟତା କରିଥାନ୍ତି । ଏହି ପତ୍ରିକାଟିର ପ୍ରକାଶନରେ ମୁଖ୍ୟତଃ ଚାଷୀ, ବେସରକାରୀ ସଂସ୍ଥା, ଗବେଷକ ଓ କୃଷି ବିଜ୍ଞାନୀମାନେ ଲେଖା ମାଧ୍ୟମରେ ସହଯୋଗ କରିଥାନ୍ତି । ଏହି ପତ୍ରିକାଟିକୁ ଅଧିକ ବ୍ୟବହାରଯୋଗ୍ୟ କରିବା ପାଇଁ ନିୟମିତ ଭାବରେ ପାଠକ ସର୍ବେକ୍ଷଣ ମାଧ୍ୟମରେ ପାଠକ ମାନଙ୍କଠାରୁ ମତାମତ ନିଆ ଯାଇଥାଏ ।

ଏହି ସର୍ବେକ୍ଷଣଟି ୨୦୧୩ ମସିହା ଅଗଷ୍ଟ ମାସରେ କରାଯାଇଥିଲା । ପାଠକମାନେ ବୁଝି ପାରିବା ପରି ଦୁଇ-ପୃଷ୍ଠା ବିଶିଷ୍ଟ ପ୍ରଶ୍ନାବଳୀ ପାଠକମାନଙ୍କୁ ପଠାଯାଇଥିଲା । ଆମକୁ ଅନେକ ଉତ୍ତର ଓ ମତାମତ ମିଳିଛି । ପାଖାପାଖି ୫ ପ୍ରତିଶତ ପାଠକ ଆମର ଏହି ସର୍ବେକ୍ଷଣରେ ନିଜର ମତାମତ ଦେଇଥିଲେ । ଆମେ ସେମାନଙ୍କ ପାଖରେ କୃତଜ୍ଞ । ଏହି ସର୍ବେକ୍ଷଣର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା ।

### ସର୍ବେକ୍ଷଣର ବିଶିଷ୍ଟ ଦିଗ

- ଲେଇସା ପତ୍ରିକାଟିରେ ବିଶେଷକରି ବିକଳ୍ପ କୃଷି ଉପରେ ତଥ୍ୟ ଓ ଚାଷୀମାନଙ୍କର ଅଭିଜ୍ଞତା ପ୍ରକାଶ ପାଉଥିବାରୁ ୯୫% ରୁ ବେଶୀ ଉତ୍ତରଦାତାଙ୍କୁ ଏହା ବହୁତ ଭଲ ଲାଗିଛି ।
- ୯୬% ରୁ ବେଶୀ ଉତ୍ତରଦାତା କହିଛନ୍ତି ଯେ ସେମାନେ ଲେଇସା ପତ୍ରିକାର ବିଷୟ ବସ୍ତୁକୁ ବିଭିନ୍ନ କାମରେ ବ୍ୟବହାର କରୁଛନ୍ତି ।
- ଦୁଇ ତୃତୀୟାଂଶରୁ ବେଶୀ ଉତ୍ତରଦାତା ଏହି ପତ୍ରିକାଟିକୁ ଅନ୍ୟକୁ ଶିଖାଇବା ଓ ତାଲିମ ପୁସ୍ତିକା ହିସାବରେ ବ୍ୟବହାର କରୁଛନ୍ତି ।
- ଦୁଇ ତୃତୀୟାଶ ଉତ୍ତର ଦାତା ଏହି ପତ୍ରିକାର ବିଷୟବସ୍ତୁକୁ ନିଜ ଜମିରେ ବ୍ୟବହାର କରିଛନ୍ତି ।
- ଅଧାରୁ ବେଶୀ ଉତ୍ତରଦାତା ପତ୍ରିକାର ବିଷୟବସ୍ତୁକୁ ବିଭିନ୍ନ ତାଲିମ ପୁସ୍ତିକା ତିଆରି କରିବାରେ ବ୍ୟବହାର କରୁଛନ୍ତି ।




- ଏହାର ବିଷୟବସ୍ତୁକୁ ବିଭିନ୍ନ କର୍ମଶାଳା, ତାଲିମ ଓ ସଭାସମିତିରେ ଆଲୋଚନା କରିଛନ୍ତି ।
- ପାଖାପାଖି ୮୦ ପ୍ରତିଶତ ଉତ୍ତରଦାତା ବିଷୟଗୁଡ଼ିକୁ ନିଜ ସାଙ୍ଗସାଥୀ ଓ ସହକର୍ମୀମାନଙ୍କ ମଧ୍ୟରେ ଆଲୋଚନା କରିଛନ୍ତି ।

### ପାଠକଙ୍କ ମତାମତ

- ପରିବାର ଖାଦ୍ୟସୁରକ୍ଷାରେ ଘରବାଡ଼ିର ଭୂମିକା, ପାରମ୍ପରିକ ବିହନକୁ ବଞ୍ଚାଇବାପାଇଁ ଚାଷୀମାନଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ, ସ୍ଥାୟୀ ପ୍ରକ୍ରିୟାରେ ଜଳ ସଂଗ୍ରହ ଓ ସଂରକ୍ଷଣ ଇତ୍ୟାଦି ଉପରେ ଲେଖାମାନ ପ୍ରକାଶ ପାଇଲେ ଆହୁରି ଭଲ ହେବ । – ଶ୍ରୀ ସମାରୀ ମାଡ଼କାମି, ଚାଷୀ, ଓଡ଼ିଶା
- ସ୍ୱଳ୍ପ ବାହ୍ୟ ସହାୟତା ଭିତ୍ତିକ ଚିରନ୍ତନ କୃଷି କରୁଥିବା ଚାଷୀମାନଙ୍କର ଏକ କର୍ମଶାଳା କଲେ ଭଲ ହେବ ।

  - ଶ୍ରୀମତୀ ଗୌରୀ ଦୁମାଲି, ଚାଷୀ ଓଡ଼ିଶା
- ଏହା ଏକ ଉପାଦେୟ ପୁସ୍ତିକା । ବେସରକାରୀ ସଂସ୍ଥା ଓ ଚାଷୀମାନଙ୍କୁ ଚିରନ୍ତନ ଚାଷ ପ୍ରଣାଳୀ ଉପରେ ତାଲିମ ଦେଲେ ଆହୁରି ପ୍ରଭାବ ପକାଇବ । – ଶ୍ରୀ ଗୋପାଳ କୃଷ୍ଣ ମହାପାତ୍ର, ବିକାଶ କର୍ମୀ, ଓଡ଼ିଶା

ଏହି ପତ୍ରିକାଟିକୁ ଭାରତ ମଧ୍ୟରେ ଓ ଦକ୍ଷିଣ ଏସିଆ ଦେଶମାନଙ୍କରେ ବିଭିନ୍ନ ଆଞ୍ଚଳିକ ଭାଷାରେ ଆହୁରି ଅଧିକ ପାଠକମାନଙ୍କ ପାଖରେ ପହଞ୍ଚିବାକୁ ମତାମତ ଦେଇଛନ୍ତି ।

**ଲେଇସା ଇଣ୍ଡିଆ ପତ୍ରିକାଟି କାହିଁକି ଉପଯୋଗୀ ଲାଗୁଛି ?**

୯୫% ରୁ ବେଶୀ ଉତ୍ତରଦାତା ଏହି ପତ୍ରିକାଟିକୁ ଉପଯୋଗୀ ବୋଲି ଅନୁଭବ କରିଥିଲେ ।




୬୮% ଉତ୍ତରଦାତା ଦର୍ଶାଇଥିଲେ ଯେ ଏହା ବିକଳ୍ପ କୃଷି ଉପରେ ସଚେତନତା ବଢ଼ାଉଛି ଓ ୬୦% ଉତ୍ତରଦାତା ଅନୁଭବ କରିଥିଲେ ଯେ ଏହା ମୁଖ୍ୟତଃ ଗାଁ ସ୍ତରର ହୋଇଥିବାରୁ ବେଶୀ ଉପଯୋଗୀ ହୋଇପାରୁଛି । ଅନ୍ୟ ମୁଖ୍ୟ କାରଣ ଗୁଡ଼ିକ ହେଲା ଏଥିରେ ଉଭୟ ସ୍ଥାନୀୟ ଓ ବିଦେଶର ଅଭିଜ୍ଞତା ସବୁ ମିଶିକି ରହୁଛି (୫୯%) ଓ ବିଭିନ୍ନ ସମ୍ବଳ/ନେଟୱାର୍କ ବିଷୟରେ ତଥ୍ୟ ମଧ୍ୟ ରହୁଛି (୪୧%) ।

**ଲେଇସା ଇଣ୍ଡିଆକୁ କିପରି ବ୍ୟବହାର କରାଯାଉଛି ?**

୯୬% ଉତ୍ତରଦାତା ଏହି ପତ୍ରିକାର ବିଷୟବସ୍ତୁ ବ୍ୟବହାର କରୁଛନ୍ତି ବୋଲି ଜଣାଇଥିଲେ ।

ଲେଇସା ଇଣ୍ଡିଆ ବହୁଳ ଭାବରେ ଗୋଟିଏ ପ୍ରଶିକ୍ଷଣ ପୁସ୍ତିକା ହିସାବରେ ବ୍ୟବହାର କରାଯାଉଛି - ୭୦% ଉତ୍ତରଦାତା କହିଛନ୍ତି ଯେ ସେମାନେ ଏହାକୁ ବିଭିନ୍ନ ତାଲିମ୍‌ରେ ବ୍ୟବହାର କରୁଛନ୍ତି - ଚାଷୀଙ୍କୁ ପ୍ରଶିକ୍ଷଣ ଦେବା (୩୯%) ଓ ବେସରକାରୀ ସଂସ୍ଥାର କର୍ମୀମାନଙ୍କୁ (୩୧%) । ୫୫% ରୁ ବେଶୀ ଉତ୍ତରଦାତା ଏହାକୁ ପ୍ରଶିକ୍ଷଣ ସାମଗ୍ରୀ ତିଆରି କରିବା ପାଇଁ ବ୍ୟବହାର କରୁଛନ୍ତି ।




**ଲେଇସାର ପ୍ରଚାର ଓ ପ୍ରସାର**

ଲେଇସା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବାରେ ସଫଳ ହୋଇଛି ।

ପାଖାପାଖି ୯୩% ଉତ୍ତରଦାତା କହିଛନ୍ତି ଯେ ସେମାନେ ଲେଇସାର ବିଷୟବସ୍ତୁକୁ ବିଭିନ୍ନ ସଭାସମିତି, ତାଲିମ୍ ଶିବିର ଓ କର୍ମଶାଳାରେ ଆଲୋଚନା କରିଛନ୍ତି । ୪୦% ରୁ ବେଶୀ ଉତ୍ତରଦାତା ୧-୫୦ଜଣଙ୍କ ସହିତ ଲେଇସା ବିଷୟରେ ବ୍ୟକ୍ତିଗତ ସ୍ତରରେ ବା ଛୋଟିଆ ସଭାସମିତିରେ, ତାଲିମ ଶିବିରରେ ଆଲୋଚନା କରିଛନ୍ତି । ୧୧% ଉତ୍ତରଦାତାଙ୍କ ମତରେ ସେମାନେ ଲେଇସାର ବିଷୟବସ୍ତୁକୁ ବଡ଼ ବଡ଼ ଚାଷୀ ସମ୍ମିଳନୀ , ସଭାସମିତିରେ ଆଲୋଚନା କରିଥାନ୍ତି, ଯାହା ଦ୍ୱାରା ୫୦-୧୦୦ଜଣ ଚାଷୀଙ୍କ ପାଖରେ ଏହା ପହଞ୍ଚିବାରେ ସଫଳ ହୋଇଥାଏ ।

## ପାଠକଙ୍କ ମତାମତ

- **ଲେଇସାର ଲେଖାକୁ ଆଧାର କରି କିଛି ଚାଷୀ / ବେସରକାରୀ ଅନୁଷ୍ଠାନ ପ୍ରଦର୍ଶନୀ କ୍ଷେତ କଲେ ଅଧିକ ସଂଖ୍ୟକ ଚାଷୀ ଏହାକୁ ଦେଖି ଉତ୍ସାହିତ ହେବେ ଓ ଏହାକୁ ଅନୁକରଣ କରିବେ । - ଶ୍ରୀ ଜଗନ୍ନାଥ ସାହୁ, ବିକାଶକର୍ମୀ, ଓଡ଼ିଶା**
- **ସ୍ୱଳ୍ପ ବାହ୍ୟ ସହାୟତା ଭିତ୍ତିକ ଚିରନ୍ତନ କୃଷି କରୁଥିବା ଚାଷୀ, ଏହାକୁ କରାଉଥିବା ଅନୁଷ୍ଠାନ ଓ ଅନ୍ୟ ଚାଷୀମାନଙ୍କର ମିଳିତ କର୍ମଶାଳା ।**
  **- ଶ୍ରୀ ପୂର୍ଣ୍ଣଚନ୍ଦ୍ର, ଚାଷୀ ଓଡ଼ିଶା**
- **ଲେଇସାର ବିଷୟବସ୍ତୁ ଗୁଡ଼ିକ ଚାଷୀମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ । ଚାଷୀମାନଙ୍କ ମଧ୍ୟରେ ପରିଦର୍ଶନ କାର୍ଯ୍ୟକ୍ରମ ଅଧିକ ପ୍ରଭାବଶାଳୀ ହେବ ଓ ଏହା କ୍ଷୁଦ୍ର , ନାମମାତ୍ର ଚାଷୀଙ୍କୁ ବେଶୀ ଉତ୍ସାହିତ କରିବ ।**
  **- ଶ୍ରୀ ଗୋବର୍ଦ୍ଧନ ଚରଣ, ବିକାଶ କର୍ମୀ, ଓଡ଼ିଶା**